# ଏନ୍‌ପିଟିଇଏଲ୍‌ରେ ଭିସୁଟ୍‌କୁ 'ଏଏ କ୍ୟାଟାଗୋରି'

## ଅନ୍‌ଲାଇନ୍ ଶିକ୍ଷାରେ ସଫଳତାକୁ ମିଳିଲା ସ୍ୱୀକୃତି

ବୁର୍ଲା,୧୨।୭(ଆପ୍ର): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)କୁ ଏନ୍‌ପିଟିଇଏଲ୍ ଲୋକାଲ୍ ଚାପ୍ଟର୍ ପକ୍ଷରୁ ଜାନୁଆରୀ-ଏପ୍ରିଲ ୨୦୨୬ ସେସନ୍ ପାଇଁ ସମ୍ମାନଜନକ 'ଏଏ କ୍ୟାଟେଗୋରି ଇନ୍‌ଷ୍ଟିଚ୍ୟୁସନ୍' ସ୍ୱୀକୃତି ମିଳିଛି। ଅନ୍‌ଲାଇନ୍ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଅଂଶଗ୍ରହଣ ଏବଂ ସାର୍ଟିଫିକେସନ୍ କୋର୍ସରେ ଉଲ୍ଲେଖନୀୟ ସଫଳତା ପାଇଁ ବିଶ୍ୱବିଦ୍ୟାଳୟକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।



ଗତ ୧୧ ତାରିଖ ଆଇଆଇଟି ଖଡ୍‌ଗପୁରରେ ଆୟୋଜିତ ଏନ୍‌ପିଟିଇଏଲ୍ ଲୋକାଲ୍ ଚାପ୍ଟର ଫେଲିସିଟେସନ୍ କାର୍ଯ୍ୟକ୍ରମରେ ଭିସୁଟ୍‌ର ଏନ୍‌ପିଟିଇଏଲ୍ ସିଙ୍ଗଲ୍ ପଏଣ୍ଟ ଅଫ୍ କଣ୍ଟାକ୍ଟ (ଏସ୍‌ପିଓସି) ପ୍ରଫେସର ଗଣେଶ୍ୱର ନାଥ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ କୁଳପତି ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ବିଭାଗୀୟ ଏନ୍‌ପିଟିଇଏଲ୍ ସଂଯୋଜକ ଓ ଲୋକାଲ୍ ଚାପ୍ଟର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଫେସର ଗଣେଶ୍ୱର ନାଥ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଆଗ୍ରହ, ଅଧ୍ୟାପକଙ୍କ ସହଯୋଗ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରୋତ୍ସାହନ ଯୋଗୁଁ ଏହି ସଫଳତା ମିଳିଛି। ଆଗକୁ ମଧ୍ୟ ଭିସୁଟ୍ ଏନ୍‌ପିଟିଇଏଲ୍ କାର୍ଯ୍ୟକ୍ରମରେ ଆହୁରି ଭଲ ପ୍ରଦର୍ଶନ କରିବ।

ଉଲ୍ଲେଖଯୋଗ୍ୟ ଏନ୍‌ପିଟିଇଏଲ୍ ହେଉଛି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଏକ ପ୍ରମୁଖ ଅନ୍‌ଲାଇନ୍ ଶିକ୍ଷା କାର୍ଯ୍ୟକ୍ରମ। ଆଇଆଇଟି ଓ ଆଇଆଇଏସ୍‌ସିର ସହଯୋଗରେ ପରିଚାଳିତ ଏହି ପ୍ଲାଟଫର୍ମ ମାଧ୍ୟମରେ ଇଞ୍ଜିନିୟରିଂ, ବିଜ୍ଞାନ, ପରିଚାଳନା ଓ ଅନ୍ୟାନ୍ୟ ବିଷୟରେ ଉଚ୍ଚମାନର ଅନ୍‌ଲାଇନ୍ ପାଠକ୍ରମ ଉପଲବ୍ଧ କରାଯାଉଛି।